# ଆଇଟିଇଆର୍‌ରେ ଜେନେସିସ୍ ୨୦୧୦

ଭୁବନେଶ୍ୱର,୨୬।୨ (ବ୍ୟୁରୋ)–ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ୍ ଆଣ୍ଡ୍ ରିସର୍ଚ୍ଚ (ଆଇଟିଇଆର୍) ପକ୍ଷରୁ ଜେନେସିସ୍ ୨୦୧୦ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ୱିପ୍ରୋର ଟେକ୍ନୋଲୋଜିଜ୍‌ର ହେଡ୍ କାନନ୍ ରମାୟା ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଓଏର ଡିନ୍ (ପିଜି) ଏସ୍.ସି. ମିଶ୍ର, ଆଇଟିଇଆର୍‌ର ଡିନ୍ ପ୍ରଫେସର କେ.କେ. ମିଶ୍ର, ଆଡିସନାଲ୍ ଡିନ୍ ପ୍ରଫେସର ଆର୍.କେ. ହୋତା ଏବଂ ଆଇଟିଇଆର୍‌ର ନିର୍ଦ୍ଦେଶକ ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଶନିବାର ହେବାକୁ ଥିବା ଜେନେସିସ୍ ୨୦୧୦ର ଉଦ୍‌ଯାପନୀ ଉତ୍ସବରେ ସାରେଗାମାପାର ଷ୍ଟାର ବିନୀତ୍‌ଙ୍କ ଷ୍ଟାର ନାଇଟ୍ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ।